# ମୁଖ୍ୟମନ୍ତ୍ରୀ କାହାର ? ସେ ଡରୁଛନ୍ତି କାହାକୁ ?

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ନବ ନିର୍ମାଣ କୃଷକ ସଂଗଠନର ସଂଯୋଜକ ଅକ୍ଷୟ କୁମାର ଏବଂ ସହସଂଯୋଜକ ଶେଷଦେବ ନନ୍ଦଙ୍କୁ ପୁଲିସ ଅଟକ ରଖିଛି। ସମ୍ଭବତଃ ଆସନ୍ତାକାଲି ତାଙ୍କୁ ଗିରଫ କରାଗଲା ବୋଲି ଘୋଷଣା କରି ଜେଲ୍‌କୁ ପଠାଇଦେବ। ହଠାତ୍ ସେମାନଙ୍କୁ ଏପରି ଗିରଫ କରିବା ପଛରେ କ'ଣ ଜରୁରୀ କାରଣ ଥାଇପାରେ ? ମନେରଖିବାକୁ ହେବ ଯେ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଆସନ୍ତା ଡିସେମ୍ବର ୧୪ ତାରିଖରେ ସତ୍ୟାଗ୍ରହ ଡାକରା ଦିଆଯାଇଛି। ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାର କୃଷକ ଭାଇମାନଙ୍କୁ ଭୁବନେଶ୍ୱର ଆସିବାକୁ ଆହ୍ୱାନ ଦିଆଯାଇଛି। ହଜାର ହଜାର ଚାଷୀଭାଇ ରାଜଧାନୀ ଭୁବନେଶ୍ୱରକୁ ଆସି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଅଭାବ ଅସୁବିଧା ସଂପର୍କରେ ଗୁହାରି କରିବେ। ପୁଣି ମନେ ରଖିବାକୁ ହେବ ଯେ ଏହା ପୂର୍ବରୁ ଯାଜପୁର ଏବଂ ଜଗତ୍‌ସିଂହପୁର ଜିଲ୍ଲାରେ ଗତ ନଭେମ୍ବର ୧୮ ଓ ୨୩ ତାରିଖରେ ଚାଷୀଭାଇମାନେ ହଜାର ହଜାର ସଂଖ୍ୟାରେ ତାଙ୍କର ଅଭାବ ଅସୁବିଧା ସଂପର୍କରେ ଜିଲ୍ଲାପାଳଙ୍କୁ ଏକ ଅଭିନବ ଉପାୟରେ ଜଣାଇଥିଲେ। ଏହି ବିଶାଳ ସମାବେଶଗୁଡ଼ିକ ଅଭୂତପୂର୍ବ ଶାନ୍ତିଶୃଙ୍ଖଳାର ସହିତ ବିନା କଳାପତାକାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ ଅଧିକାରୀମାନେ କେତେକ ଦାବିକୁ ବିଚାର କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆହୁରି କେତେକ ପ୍ରସଙ୍ଗ ଏପରି ଥିଲା ଯାହା ସଂପର୍କରେ ନିଷ୍ପତ୍ତି ଓ ସମାଧାନ ରାଜ୍ୟସ୍ତରରେ କେବଳ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ହୋଇପାରିବ ବୋଲି କୁହାଯାଇଥିଲା। ସେଥିପାଇଁ ଡିସେମ୍ବର ୧୪ରେ ସମାବେଶର ଆହ୍ୱାନ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କର ନିଷ୍ପତ୍ତି ଓ ଠୋସ୍ କାର୍ଯ୍ୟାନୁଷ୍ଠାନର ଆଶା ରଖାଯାଇଥିଲା। ଏହି ସମାବେଶକୁ ସଫଳ କରିବା ପାଇଁ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଚାଷୀଭାଇମାନେ ସଂଗଠିତ ହୋଇ ପ୍ରସ୍ତୁତ ହେଉଥିବାର ଖବର ସମସ୍ତଙ୍କ ନଜରକୁ ଆସିଥିବ। ଏଭଳି ଏକ ସତ୍ୟାଗ୍ରହ ସମାବେଶ ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାର ନିୟମ ଅନୁସାରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ସରକାରୀ ଅନୁମତି ପାଇଁ ଆବେଦନ ବି କରାଯାଇଥିଲା। ପୁଲିସ କମିସନର ମହୋଦୟ ଅକ୍ଷୟ କୁମାରଙ୍କୁ ଡାକି ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ସତ୍ୟାଗ୍ରହ ସଂପର୍କରେ ଆଲୋଚନା ମଧ୍ୟ କରିଥିଲେ। ସତ୍ୟାଗ୍ରହୀମାନଙ୍କର ଏକମାତ୍ର ଅନୁରୋଧ ଥିଲା ଆମକୁ ସତ୍ୟାଗ୍ରହ କରିବାକୁ ଅନୁମତି ଦିଆଯାଉ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ସ୍ତରରେ ଦରକାର ପଡୁଥିବା ହସ୍ତକ୍ଷେପ କରି ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅଡ଼ି ବସିବା ପଛରେ ଏକମାତ୍ର କାରଣ ହେଲା ଅତୀତରେ ମୁଖ୍ୟଶାସନ ସଚିବ ଏବଂ ମନ୍ତ୍ରୀମାନଙ୍କ ସହ ଆଲୋଚନାରେ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକ ଏପର୍ଯ୍ୟନ୍ତ ପାଳନ କରାଯାଇନାହିଁ।

ଏଭଳି ଏକ ପରିସ୍ଥିତିରେ ଚାଷୀଭାଇମାନଙ୍କର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ସମାବେଶର ଦୁଇ ଦିନ ପୂର୍ବରୁ ଦୁଇ ଚାଷୀ ନେତାଙ୍କୁ ପୁଲିସ ଅଟକ ରଖିଛି ଏବଂ ଅନ୍ୟମାନଙ୍କୁ ଖୋଜୁଛି। ଏ ବୁଦ୍ଧି କାହାର ଓ କାହିଁକି ?

ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି ଆମ ମାନ୍ୟବର ମୁଖ୍ୟମନ୍ତ୍ରୀ କାହାର ? ଚାରି କୋଟି ଓଡ଼ିଆଙ୍କର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ସଂକଳ୍ପ ନେଉଥିବା ଅଭିନୟର କୌଣସି ସୁଯୋଗକୁ ହାତଛଡ଼ା କରୁନଥିବା ନବୀନବାବୁ ଜାଣିବା ଦରକାର ଯେ ନବନିର୍ମାଣ କୃଷକ ସଂଗଠନର ସମାବେଶଗୁଡ଼ିକୁ ଛୁଟି ଆସୁଥିବା ଚାଷୀଭାଇମାନେ କୌଣସି ନିର୍ଦ୍ଦିଷ୍ଟ ଦଳର ନୁହଁନ୍ତି। ଦଳୀୟ ଦୃଷ୍ଟିରୁ ବିଚାର କଲେ ସେମାନଙ୍କ ମଧ୍ୟରୁ ସିଂହଭାଗ ଗତ ନିର୍ବାଚନରେ ନବୀନବାବୁଙ୍କ ବିଜୁ ଜନତାଦଳକୁ ହୁଏତ ସମର୍ଥନ ଦେଇଥିବେ। ତାହା ନ ହୋଇଥିଲେ ନବୀନବାବୁ ଏତେ ଜନସମର୍ଥନ ପାଇଥାନ୍ତେ କିପରି ?

'ମୁଖ୍ୟମନ୍ତ୍ରୀ କାହାର' ପ୍ରଶ୍ନଟି ଆମକୁ ଯେତିକି ବ୍ୟଥିତ କରୁନାହିଁ ତାଠାରୁ ଅଧିକ ବିବ୍ରତ କରୁଛି ଅନ୍ୟ ଏକ ପ୍ରଶ୍ନ, 'ମୁଖ୍ୟମନ୍ତ୍ରୀ କାହାକୁ ଭୟ କରୁଛନ୍ତି' ? ମାନ୍ୟବର ମୁଖ୍ୟମନ୍ତ୍ରୀ ଅଧିକରୁ ଅଧିକ ଜନସମର୍ଥନ ପାଇଛନ୍ତି ବୋଲି ଗର୍ବ ଅନୁଭବ କରିଥାନ୍ତି। 'ବିଜୁ ଜନତାଦଳ ଓଡ଼ିଶାବାସୀଙ୍କ ବଳ'ର ବିଜ୍ଞାପନ ପଢ଼ି ତାଙ୍କର ଚାଟୁକାରମାନଙ୍କ ଆଚରଣ ଦେଖିଲେ ମନେହେବ ସତେ ଯେପରି ବିଜୁ ଜନତା ଦଳର ସଭ୍ୟସଭ୍ୟାଙ୍କୁ ଛାଡ଼ିଦେଲେ ଓଡ଼ିଶାରେ ଆଉ କେହି ନାଗରିକ ନୁହଁନ୍ତି। ଓଡ଼ିଶାର ଶତକଡ଼ା ସତୁରି ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ୪୦ ଲକ୍ଷ ଚାଷୀ ପରିବାରର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୁହାରି କରିବାକୁ ଆସୁଛନ୍ତି। ସେମାନେ ବି କୌଣସି ନିର୍ଦ୍ଦିଷ୍ଟ ଦଳର ନୁହଁନ୍ତି। ସେମାନଙ୍କର ସମସ୍ୟା ଅନେକ। ମହାନଦୀ ପାଣି ସମସ୍ୟା ତାଙ୍କର। ଶିଳ୍ପ ପାଇଁ ନିଜର ଜମି ଓ ଜୀବିକା ହରାଇଥିବା ଧାନ, ପାନ ଏବଂ ମୀନ ଉପରେ ନିର୍ଭର କରି ଆସିଥିବା ପରିବାରମାନେ ହେଲେ ଏଇମାନେ। ସେମାନେ ନା ତାଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଉଛନ୍ତି, ନା ପରିଣତ ବୟସରେ ତାଙ୍କର ସୁରକ୍ଷା ପାଇଁ ସରକାର କିଛି ଚିନ୍ତା କରୁଛନ୍ତି। ଚାଷ ଆଜି ଆଉ ଏକ ନିର୍ଭରଯୋଗ୍ୟ ବୃତ୍ତି ହୋଇ ରହିନାହିଁ। ଚାଷୀମାନଙ୍କର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡ଼ିଥିବାରୁ ଅର୍ଥସର୍ବସ୍ୱ ବ୍ୟବସ୍ଥାରେ ସେମାନେ ସାମାଜିକ ସମ୍ମାନ ହରାଇ ବସିଛନ୍ତି। ସେଇଥିପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଏହି ୩ଟି ମୂଳମନ୍ତ୍ର ନେଇ ନବନିର୍ମାଣ କୃଷକ ସଂଗଠନ ଆଜି ଆନ୍ଦୋଳନ କରୁଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିରେ ଖୁସିହେବା କଥା। ଆମ ଓଡ଼ିଶାର ବୃହତ୍ତମ ସାମାଜିକ ବର୍ଗ ଆଜି ସଂଗଠିତ ହୋଇ ତାଙ୍କ ନିଜ କଥା କହିବା ପାଇଁ ଉଦ୍ୟମ କରୁଛି ଏବଂ ତାଙ୍କ ସମସ୍ୟାଗୁଡ଼ିକର ସମାଧାନ କରିବା ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସୁଯୋଗ ଦେଉଛି। ବିନା ଖର୍ଚ୍ଚରେ ଏବଂ ବିନା ପରିଶ୍ରମରେ ତାଙ୍କ ସହ ବାର୍ତ୍ତାଳାପ କରିବା ପାଇଁ ଆହ୍ୱାନ କରୁଛି। ଆଉ କେହି ହୋଇଥିଲେ ଏଭଳି ସୁଯୋଗକୁ ଦୁଇ ହାତରେ ଜାବୁଡ଼ି ଧରନ୍ତା ଏବଂ ଯେତିକି ପାରନ୍ତା ସେତିକି କରନ୍ତା। ତାହା ନକରି ତାଙ୍କର ନେତାଙ୍କୁ ଗିରଫ କରିବା କେଉଁ ପୌରୁଷର ପରିଚୟ ଦେଉଛି ?

ବ୍ରିଟିଶ ଶାସନ ବେଳେ ଏଭଳି ହେଉଥିଲା ବୋଲି ଆମେ ଶୁଣିଥିଲୁ ଏବଂ ଇତିହାସ ବହିରେ ପଢ଼ିଥିଲୁ। ଆଜି ଆମେ ଅଙ୍ଗେ ନିଭାଉଛୁ। ଗୋଟିଏ ଅକ୍ଷୟ କୁମାର ବା ଶେଷଦେବଙ୍କୁ ଅଟକ ରଖିଦେଲେ ଆନ୍ଦୋଳନ ଅଟକିଯିବନାହିଁ। ତାଙ୍କ ବଦଳରେ ଶହ ଶହ ଅକ୍ଷୟ କୁମାର ଓ ଶେଷଦେବ ତିଆରି ହୋଇଯିବେ। ଏହା ବି ଆମେ ଶୁଣିଛୁ ଏବଂ ଇତିହାସରେ ପଢ଼ିଛୁ। ଏବେ ବି ସମୟ ଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ଅପରିଣାମଦର୍ଶୀ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। ନେତାଦ୍ୱୟଙ୍କୁ ଶୀଘ୍ର ମୁକ୍ତ କରି ଆଲୋଚନା କରିବାକୁ ଆଗେଇ ଆସନ୍ତୁ। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରନ୍ତୁ ନାହିଁ। ତା ନ ହେଲେ ପରିଣତି ପାଇଁ ସେ ହିଁ ନିଜେ ଦାୟୀ ରହିବେ।